# ଓରଟେଲର ୧୦୦+ ଚ୍ୟାନେଲ ପ୍ରସାରଣ ଆରମ୍ଭ

ANUPAM BHARAT - ଦି. ៦.୧୧.୨୦୦୬ ୮ୃ.୦3

ଭୁବନେଶ୍ୱର,୫।୧୦(ଅନୁପମ ମିଡିଆ) :ଓରଟେଲ୍ କମ୍ୟୁନିକେସନ୍ ଆଜିଠାରୁ ଏହାର ଚ୍ୟାନେଲ ସଂଖ୍ୟା ୧୦୦ +କୁ ବୃଦ୍ଧି କରି ଏକ ନୂତନ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି । ବର୍ତ୍ତମାନ ଉପଭୋକ୍ତା ମାନଙ୍କୁ ପ୍ରାୟ ୫୦ ଟି ଚ୍ୟାନେଲ୍ ଆନାଲୋଗ ପଦ୍ଧତିରେ ଏବଂ ୫୦ ଟି ଚ୍ୟାନେଲ୍ ଡିଜିଟାଲ୍ ପଦ୍ଧିତିରେ ଉପଲବ୍ଧ ହେବ । ଡିଜିଟାଲ୍ ଚ୍ୟାନେଲ୍ ଦେଖିବା ପାଇଁ ଗ୍ରାହକମାନଙ୍କୁ ସେଟ୍ ଟପ୍ ବକ୍ସର ସାହର୍ଯ୍ୟ ନେବାକୁ ପଡିବ । କମ୍ପାନୀର ଉପସଭାପତି ବିଭୁ ପ୍ରସାଦ ରଥଙ୍କ ଅନୁସାରେ " ଓରଟେଲ ସର୍ବଦା ନୂତନ ଜ୍ଞାନ କୌଶଳ ଦର୍ଶକ ମାନଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିଛି । କମ୍ପାନୀ ଏହି ସେଟ୍ଅପ୍ ବକ୍ସ ଦର୍ଶକ ମାନଙ୍କୁ ସର୍ବନିମ୍ନ ମୂଲ୍ୟରେ ଯୋଗାଇଦେବା ପାଇଁ ଯୋଜନା କରିଛି । ଏବଂ ନିକଟ ଭବିଷ୍ୟତରେ ଡିଲରମାନଙ୍କ ଜରିଆରେ ଏହି ବକ୍ସ ଉପଲବ୍ଧ କରାଇବ । ଓରଟେଲ୍ ର ମାର୍କେଟିଙ୍ଗ୍ ମ୍ୟାନେଜର ବୈଭବ ଦୁବେଙ୍କ ଅନୁସାରେ " ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦର୍ଶକ ମାନଙ୍କୁ ଏଥିପାଇଁ କୌଣସି ଅଧିକ ମାସିକ ଦେୟ ଦେବାକୁ ପଡିବନାହିଁ । ଆଜିର ଦିନରେ ଓରଟେଲ୍ ଓଡ଼ିଶାରେ ବୃହତ୍ତମ କେବୁଲ୍ ଟିଭି ସେବା ପ୍ରଦାକାରୀ ସଂସ୍ଥାର ମର୍ଯ୍ୟାଦା ଲାଭ କରିସାରିଛି ଓ ଆଗାମୀ ଦିନରେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚିବାର ଲକ୍ଷ୍ୟ ରଖିଛି ବୋଲି ଓରଟେଲ୍ ପକ୍ଷରୁ କୁହାଯାଇଛି ।